# Akashvani, Sambalpur

## SAMBALPURI NEWS EVENING BULLETIN

## 15 January 2026 - 7.02 pm- 7.12 pm.

********************************************

୧- ସରକାର ଫିଁ ଦେଶ୍‌ବାସୀଙ୍କର ଲାଗି ଜନକଲ୍ୟାଣ ଭାବ୍‌ନା ସହେତେ କାମ୍ କରୁଛନ୍-କହେଲେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀ ସମ୍ବିଧାନ ସଦନ ନ ରାଜ୍ୟଗୋଷ୍ଠୀ ବାଚସ୍ପତି ଆଉ ପ୍ରିଜାଇଡିଂ ଅଧିକାରୀଙ୍କ ସମ୍ମିଳନୀକେ କଲେ ସମ୍ବୋଧନ ।

୨- ନିବେଶକ ସମ୍ମିଳନୀଥି ଯୋଗ୍ ଦେବାର୍‌କେ ଆଏଜ୍‌ଠାନୁ ପଶ୍ଚିମବଙ୍ଗ ଗସ୍ତଥି ଯାଉଛନ୍ ମୁଖ୍ୟମନ୍ତ୍ରୀ ।

୩- ସେନାର୍ ପରାକ୍ରମ୍, ସାହାସ୍ ଆଉ ଦେଶ୍ ଲାଗି ବଳିଦାନ୍‌କେ ସୁର୍‌ତା କରି କରି ଦେଶ୍‌ବାସୀ ଆଏଜ୍ ପାଳନ୍ କରୁଛନ୍ ଭାରତୀୟ ସେନା ଦିବସ ।

ଆଉର୍

୪- ସମ୍ବଲପୁର ନ ଆଏବା ମାର୍ଚ୍ଚ ତକ୍ କାର୍ଯ୍ୟକ୍ଷମ ହେବା ଡପ୍‌ଲର୍ ରାଡାର୍-କହେଲେ ଆଇଏମ୍‌ଡିର୍ ମହାନିର୍ଦ୍ଦେଶକ୍ ।

ରାଜ୍ୟଗୋଷ୍ଠୀ ବାଚସ୍ପତି ସମ୍ମିଳନୀ ଏନ୍ଏସ୍ଡି

ସରକାର କେନ୍ସି ଭେଦ୍ଭାବ୍ ନାଇ ରଖିକରି ଫିଁ ଦେଶ୍ବାସୀଙ୍କର ଲାଗି ଜନକଲ୍ୟାଣ ଭାବ୍ନା ସହେତେ କାମ୍ କରୁଛନ୍ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର୍ ସମ୍ବିଧାନ ସଦନ୍ଠାନେ ଆଏଜ୍ ରାଜ୍ୟଗୋଷ୍ଠୀ ବାଚସ୍ପତି ଆଉ ଅଧ୍ୟକ୍ଷତା ଅଧିକାରୀ ସମ୍ମିଳନୀଥି ଯୋଗ୍ ଦେଇକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଭାରତ୍ ବିବିଧତାକେ ନିଜର୍ ଶକ୍ତି ବନେଇଛେ । ଇଛେନ୍କା ବିଶ୍ୱସ୍ତରେ ଜୋର୍ସେ ବଢୁଥିବା ପ୍ରମୁଖ ଅର୍ଥନୀତି ଭାବେ ଭାରତ୍ ଉଭା ହେଇ ପାରିଛେ । ଦେଶର୍ ୟୁ.ପି.ଆଇ. ହେଉଛେ ପୁର୍‌ଥିର୍ ସବୁନୁ ବଡ଼ ଡିଜିଟାଲ୍ ଲେନ୍ଦେନ୍ ମାଧ୍ୟମ୍ । ଶ୍ରୀ ମୋଦୀ କହିଛନ୍, ସବୁନୁ ବଡ଼ ଟୀକା ଉତ୍ପାଦନ୍ ଆଉ ଦୁଇ ନମ୍ବର ଇସ୍ପାତ୍ ଉତ୍ପାଦକ୍ ଭାବେ ଭାରତ୍ ବିଶ୍ୱସ୍ତର୍ଥି ଅଲଗ୍ ନାଁ କରିପାରିଛେ । ଗଲା କିଛି ବଛର୍ ଭିତ୍ରେ ଭାରତ୍ ପାଖାପାଖି ୨୫ କୋଟିନୁ ଅଏତ୍କା ଲୁକ୍କୁ ଦରିଦ୍ରତା ଭିତ୍ରୁ ବାହାର୍ କରିଛେ । ଭାରତ୍ ସରକାରଙ୍କର୍ ଲାଗି ଦେଶବାସୀ ହିଁ ସବୁନୁ ଆଗାଡ଼େ ଆଉ ସେମାନଙ୍କର ଆକାଂକ୍ଷା ପୂରଣ କର୍ବାର୍ଟାକେ ସରକାର ପ୍ରାଥମିକ୍ତା ଦଉଛନ୍ ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

(ଭଏସ୍-ପ୍ରଧାନମନ୍ତ୍ରୀ)

ଭାରତ୍‌କେ ପୁର୍‌ଥିର୍ ସବନୁ ବଡ଼୍ ଗଣତାନ୍ତ୍ରିକ୍ ଦେଶ୍ ଭାବେ ବର୍ଣ୍ଣନା କରି କରି ପ୍ରଧାନମନ୍ତ୍ରୀ ଗଲା ୨୦୨୪ ସାଧାରଣ ନିର୍ବାଚନ ଫଟିକ୍ ଗଣତାନ୍ତ୍ରିକ୍ ବ୍ୟବସ୍ଥାର୍ ଗୁଟେ ଉତ୍କୃଷ୍ଟ ଉଦାହରଣ ହେଇଛେ ବଲି କହିଛନ୍ ।

ସମ୍ମିଳନୀଥି ଉଦ୍‌ବୋଧନ୍ ଦେଇକରି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍, କୃତ୍ରିମ ବୁଦ୍ଧିମତା ଆଉ ସାମାଜିକ ଗଣମାଧ୍ୟମ ଗଣତାନ୍ତ୍ରିକ ସଂସ୍ଥାମାନ୍‌କର ଦକ୍ଷତା ଆଉ କ୍ଷମତାକେ ବଢ଼େଇଛେ । ମାତର୍‌କ ଇତାର୍ ଅପବ୍ୟହାର ଦିଗେ ଥିବା ଆହ୍ୱାନ୍‌ମାନ୍‌କର ଠିକ୍ ସମାଧାନ୍‌ର ବାଟ୍ ଖୁଜ୍‌ବାର ଉପ୍‌ରେ ଶ୍ରୀ ବିର୍ଲା ଜୋର୍ ଦେଇଛନ୍ ।

ଷ୍ଟାର୍ଟ ଅପ୍ ଇଣ୍ଡିଆର୍ ୧୦ ବଛର୍ ପୂର୍ତ୍ତି ଏନ୍‌ଏସ୍‌ଡି

ଷ୍ଟାର୍ଟ ଅପ୍ ଇଣ୍ଡିଆର୍ ୧୦ ବଛର୍ ପୂର୍ତ୍ତି ଅବ୍‌ସରେ ଆଏବାକାଏଲ୍ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ଗୁଟେ ଖାସ୍ ସମାରୋହର୍ ଆୟୋଜନ୍ କରାଯାଉଛେ । କାର୍ଯ୍ୟକ୍ରମ୍‌ଥି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେଇକରି ଦେଶର୍ ଭାଇବ୍ରେଂଟ୍ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍‌ଥି ଜୁଡ଼ି ହେଇକରି ଥିବା ପ୍ରତିନିଧିମାନ୍‌ଙ୍କର ସଙ୍ଗେ ଆଲୋଚନା କର୍‌ବେ । ଇ ଅବ୍‌ସରେ ବଛା ବଛା ଷ୍ଟାର୍ଟଅପ୍ ପ୍ରତିନିଧିମାନେ ନିଜର୍ ଉଦ୍ୟୋଗୀ ଯାତ୍ରାର୍ ଅନୁଭୂତି ପ୍ରଧାନମନ୍ତ୍ରୀଙ୍କର୍ ସଙ୍ଗେ ବାଂଟବେ ।

ସୂଚ୍ନା ଅନ୍ସାରେ ଦେଶେ ନୂଆ ସୃଜନ୍କେ ତହଁକାବାର୍, ଉଦ୍ୟମୀମାନ୍ଙ୍କୁ ଆଗ୍କେ ବଢ଼ାବାର୍ ଆଉ ନିବେଶ୍ ଆଧାରିତ୍ ବିକାଶ୍କେ ସକ୍ଷମ୍ କର୍ବାର ଲକ୍ଷ୍ୟଥି ୨୦୧୬ ମସିହା ଜାନୁୟାରୀ ୧୬ ତାରିଖ୍ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଷ୍ଟାର୍ଟ ଅପ୍ ଇଣ୍ଡିଆ ଅଭିଯାନ୍ର ଶୁଭାରମ୍ଭ କରିଥିଲେ । ଇତାର୍ଜରିଏ ଭାରତ୍କେ ଚାକ୍ରି ଖୁଜୁଥିବା ଦେଶ୍ନୁ ଚାକ୍ରି ଦେଉଥିବା ଦେଶ୍ ବନାବାର୍ ଲକ୍ଷ୍ୟ ରଖାଯାଇଥିଲା । ଗଲା ୧୦ ବଛର୍ ହେଲା ଷ୍ଟାର୍ଟଅପ୍ ଇଣ୍ଡିଆ ଭାରତର୍ ଅର୍ଥନୈତିକ୍ ଆଉ ନୂଆସୃଜନ୍ ସ୍ଥାପତ୍ୟର୍ ନିହି ଭାବେ ଠିଆ ହେଇଛେ ।

ମୁଖ୍ୟମନ୍ତ୍ରୀ-ପଶ୍ଚିମବଙ୍ଗ ଗସ୍ତ          ହି.ସ.

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ଠାନୁ ୩ ଦିନିଆ ପଶ୍ଚିମବଙ୍ଗ ଗସ୍ତଥି ଯାଉଛନ୍ । ଆଏବାକାଏଲ୍ ସେନ ହେବାର୍କେ ଥିବା ନିବେଶକ ସମ୍ମିଳନୀଥି ଶ୍ରୀ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଉ ଗୁଟେ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଭିଲ୍ ଯିବେ ।

ସଚିବସ୍ତରୀୟ ବୈଠକ୍          ଆଇ.ଆଣ୍ଡ୍.ପି.ଆର

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କର ଅଧ୍ୟକ୍ଷତାଥି ଭୁବନେଶ୍ୱର ଖାରବେଳ ଭବନ୍‌ଠାନେ ଆଏଜ୍ ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ଅଗ୍ରଗତି, ବଜେଟ୍ ଖର୍ଚ୍ଚା ଆଉ ଖାଲି ପଡ଼ିଥିବା ପଦ୍‌ବୀ ପୂରଣ ବାବ୍‌ଦେ ଆଲୋଚନା କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ୍ **୧୫** ସୂଚୀ କାର୍ଯ୍ୟକ୍ରମ୍‌କେ କାର୍ଯ୍ୟକାରୀ କର୍‌ବାର୍ ଲାଗି ଜୋର୍ ଦିଆଯାଇଥିଲା । **୨୦୨୫-୨୬** ଆର୍ଥିକ୍ ବଛ୍‌ରର୍ ବଜେଟ୍ ଖର୍ଚ୍ଚା ବାବ୍‌ଦେ ଆଲୋଚନା କରାଯିବାର୍ ସହେତେ ଧାରିଜ୍ ଲକ୍ଷ୍ୟ ଅନ୍‌ସାରେ କାମ୍ କର୍‌ବାର, ଖର୍ଚ୍ଚ ସମୀକ୍ଷା ଆଉ ରାଜସ୍ୱ ଲକ୍ଷ୍ୟ ହାସଲ୍ ବାବ୍‌ଦେ ବୈଠକ୍‌ଥି ଜୋର୍ ଦିଆଯାଇଥିଲା । ସଚିବମାନେ ଜିଲ୍ଲା ପରିଦର୍ଶନ୍ ସମିଆଥି ପାନୀୟ ଜଲ୍ ପ୍ରକଳ୍ପ କାମ୍‌ମାନ୍‌କୁ ତୁର୍‌ତି ସାର୍‌ବାର ଲାଗି ସମୀକ୍ଷା କର୍‌ବାର୍‌କେ ବୈଠକ୍‌ଥି ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ । ଇତାର୍ ସହେତେ ଆଏବା ବଜେଟ୍‌ଥି ପ୍ରକଳ୍ପ ବାବଦ୍ ନୂଆ ପଦ୍‌କ୍ଷେପ୍ ମୁଲ୍ କର୍‌ବାର୍ ନେଇକରି ଆଲୋଚନା କରାଯାଇଥିଲା ବଲି ଶ୍ରୀମତୀ ଗର୍ଗ ଗଣମାଧ୍ୟମ୍‌କେ କହିଛନ୍...

(ଭଏସ୍- ଅନୁ ଗର୍ଗ)

ନିପା ଭୂତାଣୁ          ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ପଶ୍ଚିମବଙ୍ଗ ନ ନିପା ଭୂତାଣୁଥି ୨ ଝନ୍ ସ୍ୱାସ୍ଥ୍ୟ କର୍ମୀ ଆକ୍ରାନ୍ତ ହେବାର୍ ଘଟ୍ନାକେ ନେଇକରି ଓଡ଼ିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କର୍ ତର୍ଫୁ ଆଏଜ୍ ପ୍ରତିକ୍ରିୟା ପ୍ରକାଶ ପାଇଛେ । ସେ କହିଛନ୍, ଓଡ଼ିଶାକେ ଏବ୍ତକ୍ ନିପା ଭୂତାଣୁ ନାଇ ଆସି । ଇତାକେ ନେଇକରି ରାଜ୍ୟବାସୀ ଆତଙ୍କିତ୍ ହେବାର୍ ଆବଶ୍ୟକ୍ତା ନାଇଁନ । ପଶ୍ଚିମବଙ୍ଗ ଘଟ୍ନାକେ ନେଇକରି କେନ୍ଦ୍ର ସରକାରଙ୍କର୍ ତର୍ଫୁ ଏବ୍ତକ୍ କେନ୍ସି ମାର୍ଗଦର୍ଶିକା ନାଇ ଆସି । ୨୦୨୩ ମସିହା ବେଲ୍କେ ଯେନ୍ ମାର୍ଗଦର୍ଶିକା ଆସିଥିଲା ସେ ହିସାବେ ସରକାର ପଦ୍କ୍ଷେପ୍ ନଉଛନ୍ । ପଶ୍ଚିମବଙ୍ଗ ନ ଇଛେନ୍କା କେନ୍ଦ୍ର ସରକାରଙ୍କର ଗୁଟେ ଟିମ୍ ଆସିକରି ନିପା ଭୂତାଣୁ ସ୍ଥିତି ଉପ୍ରେ ନଜର୍ ରଖିଛନ୍ । ଓଡ଼ିଶା ଲାଗି ଇହାଦେତକ୍ କିଛି ବିପଦ୍ ନାଇଁ ନ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ ।

ଭାରତୀୟ ସେନାଦିବସ ଆର୍ଏନ୍ୟୁ ସମ୍ବଲପୁର୍/ଏନ୍ଏସ୍ଡି

ଭାରତୀୟ ସେନାର୍ ପରାକ୍ରମ୍, ସାହାସ୍ ଆଉ ଦେଶ ଲାଗି ବଳିଦାନ୍କେ ସୁର୍ତା କରି କରି ଆଏଜ୍ ଭାରତୀୟ ସେନାଦିବସ ପାଲନ୍ କରାଯାଉଛେ । ୧୯୪୯ ମସିହା ଆଝିର୍ ଦିନେ ଫିଲ୍ଡ ମାର୍ସଲ୍ କେ.ଏମ୍. କାରିଆପ୍ପା - ବ୍ରିଟିଶ୍ କମାଣ୍ଡିଙ୍ଗ୍ ଜେନେରାଲ୍

ରବର୍ଟ ରୟ ଫ୍ରାନ୍ସିସ୍ ବୁଚର୍ଙ୍କର୍‌ଠାନୁ ଭାରତୀୟ ସେନାର୍ ପହେଲା କମାଣ୍ଡର୍ ଇନ୍ ଚିଫ୍ ଭାବେ ଦାୟିତ୍ୱ ନେଇଥିଲେ । ଇତାକେ ସୁର୍‌ତା କର୍‌ବାର୍ ସଙ୍ଗେ ଭାରତୀୟ ସୈନିକ୍ ମାନ୍‌କର ବଲିଦାନ୍‌କେ ଲୁକ୍‌କର୍ ମନ୍ ଭିତ୍‌ରେ ଜିଏଁଇ କରି ରଖ୍‌ବାର୍‌କେ ଫି ବଛର୍ ଜାନୁଆରୀ ୧୫ ତାରିଖ୍‌କେ ଭାରତୀୟ ସେନା ଦିବସ୍ ଭାବେ ପାଲନ୍ କରାଯାଏସି ।

ସେନା ଦିବସ୍ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ ଦେଶର୍ ବୀର ସୈନିକ, ଆଘର୍ ସେନା କର୍ମଚାରୀ ଆଉ ସେମାନଙ୍କ ପରିବାର ଲୁକ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍, ଦେଶର୍ ଏକତା, ସାର୍ବଭୌମତ୍ୱ ଆଉ ଅଖଣ୍ଡତାକେ ସୁରକ୍ଷା ଦେବାର୍ ଦିଗେ ଭାରତୀୟ ସେନା ସବୁବେଲେ ସଜାଗ୍ ରହେସି । ବୀର୍ ସୈନିକ୍‌ମାନେ ଦେଶର୍ ସୀମାର୍ ସୁରକ୍ଷା କର୍‌ବାର୍ ସହେତେ ଜଟିଲ୍ ପ୍ରାକୃତିକ୍ ବିପର୍ଯ୍ୟୟ ପରିଚାଲ୍‌ନା କ୍ଷେତ୍ରଥି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେସନ୍ ବଲି ରାଷ୍ଟ୍ରପତି କହିଛନ୍ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର୍ ସୈନିକ୍‌ମାନ୍‌ଙ୍କୁ ସେମାନ୍‌କର ପ୍ରତିବଦ୍ଧତା ଲାଗି ସମ୍ମାନ୍ ଜନାବାର୍ ସହେତେ ଦେଶର୍ ସୁରକ୍ଷା ଲାଗି ପ୍ରତିକୂଲ୍ ପରିସ୍ଥିତିଥି ଭିଲ୍ ନିଃସ୍ୱାର୍ଥପର୍

ଭାବେ ସେବା ଯୁଗଉଥିବା ସୈନିକ୍‌ମାନ୍‌କର ଅଦମ୍ୟ ସାହାସ୍ ପ୍ରଶଂସନୀୟ ଆଏ ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ସେନାର୍ ସାହସୀ ଯବାନ୍‌ମାନଙ୍କୁ ଶୁଭେଚ୍ଛା ଜନେଇକରି ଦେଶର୍ ଏକତା, ସାର୍ବଭୌମତ୍ୱ ଆଉ ଅଖଣ୍ଡତାକୁ ସୁରକ୍ଷିତ୍ ରଖିବାର୍ ଲାଗି ସେମାନ୍‌କର୍ ଅଟୁଟ୍ ସାହାସ ଆଉ ସର୍ବୋଚ୍ଚ ବଳିଦାନ ଅତୁଳନୀୟ ଆଏ ବଲି କହିଛନ୍ ।

ସମ୍ବଲପୁର-ଡପ୍‌ଲର୍ ରାଡାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ସମ୍ବଲପୁରଠାନେ ଆଏବା ମାର୍ଚ୍ଚ ମାସ୍ ତକ୍ ଡପ୍‌ଲର୍ ରାଡାର୍ କାର୍ଯ୍ୟକ୍ଷମ ହେବା ବଲି ଭାରତୀୟ ପାଣିପାଗ ବିଭାଗ-ଆଇଏମ୍‌ଡିର୍ ମହାନିର୍ଦ୍ଦେଶକ୍ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଶ୍ରୀ ମହାପାତ୍ର କହିଛନ୍, ସମ୍ବଲପୁର ଉତ୍‌ରୁ ୨୦୨୬ ବଛର୍ ଶେଷ୍ ବେଲ୍‌ତକ୍ ବାଲେଶ୍ୱର ଆଉ ଭୁବନେଶ୍ୱର ନ ନୂଆ ଡପ୍‌ଲର୍ ରାଡାର୍ ଲଗାଯିବା । ସେନ୍ତା ୨୦୨୭ ମସିହା ବେଲ୍‌କେ ପୁରୀ ନ ଭିଲ୍ ରାଡାର୍ ବ୍ୟବସ୍ଥା କରାଯିବା ବଲି ଶ୍ରୀ ମହାପାତ୍ର କହିଛନ୍ ।

ଜନଶୁଣାଣି ଶିବିର        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ସଭାଗୃହ ନ ଆଏଜ୍ ଜିଲ୍ଲାପାଲ ମଧୁସୂଦନ ଦାଶ ଆଉ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂହଙ୍କର୍ ମିଲିତ୍ ଜନଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ଶହେ ୧ଟା ଅଭିଯୋଗ୍ ଆଗତ୍ ହେଇଥିଲା । ଅଭିଯୋଗ୍‌ମାନ୍‌କର ତୁର୍‌ତି ସମାଧାନ ଲାଗି ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ ନିର୍ଦ୍ଦେଶ୍ ଦେଇଛନ୍ ।

ପୌର ପ୍ରଶାସନ ଜନଶୁଣାଣି        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ପୌର ପ୍ରଶାସନ୍ ତର୍‌ଫୁ ସହରର୍ ୬ ନମ୍ବର ୱାର୍ଡ ନ ଆଏଜ୍ ଜନ ଅଭିଯୋଗ ଶୁଣାଣି ଶିବିର୍ ହେଇଯାଇଛେ । ପୌରାଧ୍ୟକ୍ଷା ସୋନିଆ ଜୈନ୍‌ଙ୍କର ଅଧ୍ୟକ୍ଷତାଥି ହେଇଥିବା ଶିବିର୍‌ଥି ପୌର ଅଧିକାରୀମାନେ ଉପସ୍ଥିତ ରହିକରି ଲୁକ୍‌କର ଭିନ୍ ଭିନ୍ ଅଭିଯୋଗ୍ ଶୁନିକରି ତାର୍ ସମାଧାନ୍ କରିଥିଲେ । ଇ ଅବ୍‌ସରେ ପରିବେଶ୍ ସୁରକ୍ଷା ଆଉ ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜନ୍ ଲାଗି ବର୍ତନ ବେଙ୍କର୍ ଶୁଭାରମ୍ଭ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର        ଆଇ.ଆଣ୍ଡ୍.ପି.ଆର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫-୨୬ ଅଧିନ୍ଥି ଭିନ୍ ଭିନ୍ ପୁରସ୍କାର ଲାଗି ଆବେଦନ୍ ସମିଆ ଆଏବା ୨୦ ତାରିଖ୍ତକ୍ ବଢ଼ାଯାଇଛେ । ରାଜ୍ୟ ସରକାରଙ୍କର୍ ତର୍ଫୁ ମୁଲ୍ ହେଇଥିବା ଇ ଅଭିନବ୍ ପ୍ରୟାସ୍ଥି ୪ଟା ବର୍ଗଥି ପୁରସ୍କାର ଦିଆଯିବା । ଇଥି ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପୁରସ୍କାର, ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର ଆଉ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର ସାମିଲ୍ ଅଛେ ।

ପାଟଣାଗଡ଼ ମହୋତ୍ସବ          ବଲାଙ୍ଗୀର ସମ୍ବାଦଦାତା

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ନ ଆଏଜ୍ ପାଟଣାଗଡ଼ ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ମହୋତ୍ସବ୍‌କେ ଉଦ୍‌ଘାଟନ୍ କରି କରି ଇନର୍ କଳା ଆଉ କଳାକାରମାନ୍‌କର ଉନ୍ନତି ଲାଗି ସରକାର ସବୁ ସହଯୋଗ୍ କର୍‌ବେ ବଲି କହିଛନ୍ । ଇ ଅବ୍‌ସରେ ରାଜ୍ୟ ଆଉ ରାଜ୍ୟ ବାହାରୁ ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ଆସିକରି ଲୋକ କଳାର ପ୍ରଦର୍ଶନ୍ କରିଛନ୍ ।

ପିଏମ୍‌ଶ୍ରୀ ମେଳା          ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସର ନ ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ୍ ହେଇଯାଇଛେ । ଜିଲ୍ଲା ଶିକ୍ଷାଧିକାରୀ ଗେନ୍ଦେରା କୁଜୁରଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ହେଇଥିବା ଦକ୍ଷତା ବୃଦ୍ଧି ଆଉ ଆକାଂକ୍ଷୀ ମେଳା ୨୦୨୬ଥି ଛାତ୍ରଛାତ୍ରୀମାନେ ଭାଗ୍ ନେଇଥିଲେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ଶନିବାର ଦିନ୍ ତକ୍ ଶୀତ୍ ଜାରି ରହେବା । ରଏବାର୍ ଦିନ୍‌ଠାନୁ ପର୍ଶ୍ଚିମାଝଡ଼ର୍ ପ୍ରଭାବ୍‌ଥି ତାପମାତ୍ରା ୨ ନୁ ୪ ଡିଗ୍ରୀ ତକ୍ ବଢ଼୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ଝାରସୁଗୁଡ଼ା, ସୁନ୍ଦରଗଡ଼ ସହେତେ ୮ଟା ଜିଲ୍ଲା ନ ଜବର୍ ଶୀତ୍ ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।